## ସଂକ୍ଷେପରେ

### ରାମା ଟକିଜ ନିକଟ ଗଜଲକ୍ଷ୍ମୀଙ୍କ ପୂଜା ପୂର୍ଣ୍ଣାହୁତି



ରାୟଗଡ଼ା ଅଫିସ,୧୫।୧୦- ରାୟଗଡ଼ା ସହର ସ୍ଥିତ ରାମା ଟକିଜ ନିକଟରେ ସାଇ ୟୁଥ୍ ଆସୋସିଏଶନ ଆନୁକୂଲ୍ୟରେ ଶରତ ପୂର୍ଣ୍ଣିମା ଠାରୁ ମାଁ ଗଜଲକ୍ଷ୍ମୀଙ୍କ ପୂଜା ପାଉଥିବାବେଳେ ଶନିବାର ପୂର୍ଣ୍ଣାହୁତି ହୋଇଛି। କମିଟି ପକ୍ଷରୁ ମାଁଙ୍କ ପୂଜା ୧୧ ବର୍ଷରେ ପଦାର୍ପଣ କରିଛି। ଫଳରେ କର୍ମକର୍ତ୍ତା ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଶିବ ପ୍ରସାଦ ମିଶ୍ର ଓ ଉମାରାଣୀ ମିଶ୍ର କର୍ତ୍ତାଭାବେ ପୂଜାରେ ଆସୀନ ହୋଇଥିଲେ। ସହରର ବିଶିଷ୍ଟ ପୁରୋହିତ ଦେବୀ ପ୍ରସାଦ କର ଭୂମି ପୂଜନ ସହ ୭ ଦିନ ବ୍ୟାପୀ ସମସ୍ତ ପୂଜାବିଧି ସମ୍ପନ୍ନ କରିଥିଲେ। ଆସୋସିଏଶନର ସଭାପତି କାମରାଜ ପାଣିଗ୍ରାହୀ, ସମ୍ପାଦକ ଅଶ୍ୱିନୀ ପାଣିଗ୍ରାହୀଙ୍କ ସମେତ ହରିହର ଶତପଥୀ, ସନ୍ତୋଷ କୁମାର ତ୍ରିପାଠୀ, ସଦାଶିବ ତ୍ରିପାଠୀ, ରାଜୀବ ପାଣିଗ୍ରାହୀ ଓ ରାଜେନ୍ଦ୍ର ମିଶ୍ର ପ୍ରମୁଖଙ୍କ ପ୍ରତ୍ୟକ୍ଷ ଯୋଗଦାନ ଓ ସହଯୋଗରେ ପୂଜାବିଧି ଓ ଅନ୍ନ ପ୍ରସାଦ କାର୍ଯ୍ୟକ୍ରମ ହୋଇଥିଲା। ଶନିବାର ପୂଜାର ପୂର୍ଣ୍ଣାହୁତି ସହ ମାଁଙ୍କ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା

ରାମନାଗୁଡ଼ା,୧୫।୧୦(ଡି.ଏନ୍.ଏ.)-ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ହାଇସ୍କୁଲ ଠାରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଇଓ ସୃଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ୭୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଲେମ୍ବୁଚାମଚ, ବକେଟ ବଲ୍ ଥ୍ରୋ, ଗୀତ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଦାମୋଦର ହିମିରିକା, ବିଆର୍‌ପି ଲକ୍ଷ୍ମୀ ପ୍ରାଣିଗ୍ରାହୀ ଏବଂ ସିଆରସିସିମାନେ ଉପସ୍ଥିତ ଥିଲେ।

### ୧୮ ରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ବନ୍ଦ ପାଳନ

ଗୁଣପୁର,୧୫।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତ ଗୁଡା ତୋଇକୁରୁ ଠାରୁ ପୁଟାସିଂ ପଞ୍ଚାୟତ କାର୍ଯ୍ୟାଳୟ ପୁଟାକୁ ସ୍ଥାନାନ୍ତର କରାଯିବା ଦାବିରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଶନିବାର ୬ଷ୍ଠ ଦିନରେ ପହଞ୍ଚିଛି। ତେବେ ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ୧୮ ତାରିଖରେ ଗୁଡା ତୋଇକୁରୁ ଅର୍ଥାତ ପୁଟାସିଂ ଠାରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ତ୍ରିପତି ଗମାଙ୍ଗ ଗୁଣପୁର ପୂର୍ତ୍ତବିଭାଗ ବଙ୍ଗଳା ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଜୁନେଶ କାର୍ଜି, ଅନାସିମ ଶବର, ବୁଧଦେବ ଶବର, ଡିସନ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଚଞ୍ଚକତା କରି ସରକାର ପୁଟାସିଂ କାର୍ଯ୍ୟାଳୟକୁ ପ୍ରକୃତରେ ପୁଟା ଠାରେ କରିବା ବଦଳରେ ଗୁଡା ତୋଇକୁରୁ ଠାରେ କରିଛନ୍ତି। ତେଣୁ ପୁଟାକୁ ପୁଟାସିଂ ପଞ୍ଚାୟତ କରିବା ସହ ସେଠକୁ ସମସ୍ତ କାର୍ଯ୍ୟାଳୟ ସ୍ଥାନାନ୍ତର କରିବାକୁ ଦାବି ହୋଇଛି।

### ଉମରକୋଟର ଚାଷୀ ଜିଲାସ୍ତରରେ ସମ୍ମାନିତ



ଉମରକୋଟ, ୧୫।୧୦ (ସ୍ୱ.ପ୍ର.) ବିଶ୍ୱ ଅଣ୍ଡା ଦିବସ ଅବସରରେ ଉମରକୋଟ ସହର ଗୁଲିପାଟଣା ସାହିର ଯୁବ ଚାଷୀ ସତ୍ୟବ୍ରତ ପରିଡାଙ୍କୁ ଜିଲାସ୍ତରରେ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଜିଲାପାଳ ଡ କମଳ ଲୋଚନ ମିଶ୍ର ଯୋଗଦେଇ ସତ୍ୟବ୍ରତ ପରିଡ଼ାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଡିଆରଡିଏ ପିଡି ଉପସ୍ଥିତ ଥିଲେ। ସତ୍ୟବ୍ରତଙ୍କର ଉମରକୋଟ ସହର ନିକଟ ଦର୍ଗାଗୁଡ଼ାରେ ପିଞ୍ଜରାରେ ଅଣ୍ଡା ଦିଆ କୁକୁଡ଼ା ଫାର୍ମ ରହିଛି। ଏହି ଫାର୍ମରେ ୧୦୦୦ ଅଣ୍ଡା ଦିଆ କୁକୁଡ଼ା ରହିଛନ୍ତି। ଫାର୍ମରୁ ଦୈନିକ ୯୫୦ ଅଣ୍ଡା ବାହାରୁଛି। ଅଣ୍ଡା ପିଛା ୩.୫୦ ପଇସା ଖର୍ଚ୍ଚ ହେଉଛି। ଏହାକୁ ୪.୫୦ ବିକ୍ରି କରାଯାଉଛି। ଏହି ଫାର୍ମରୁ ୩ ରୁ ୪ ପରିବାର ଉପାର୍ଜନ ପାଇ ପାରୁଛନ୍ତି ବୋଲି ଯୁବ ଚାଷୀ ସତ୍ୟବ୍ରତ କହିଛନ୍ତି। ପୁରସ୍କାର ଆହୁରି ଆଗକୁ ବଢ଼ିବାର କାମ କରିବି ବୋଲି ସତ୍ୟବ୍ରତ କହିଛନ୍ତି।

# ହିତାଧିକାରୀଙ୍କ ଚାଉଳ ହଡ଼ପ, ତଦନ୍ତକଲେ ଉପଜିଲାପାଳ

ପାପଡ଼ାହାଣ୍ଡି,୧୫।୧୦(ଡି.ଏନ୍.ଏ.)



ଅଧିକାରୀମାନେ ଘଟଣାର ତଦନ୍ତ କରୁଛନ୍ତି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ପଞ୍ଚାୟତର ପ୍ରାୟ ୯ ଶହ ହିତାଧିକାରୀଙ୍କ ଚାଉଳ ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଛି। ଜିଲାପାଳ କମଳଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ପ୍ରଶାନ୍ତ କୁମାର ସାହୁ ଏହାର ତଦନ୍ତ କରିଛନ୍ତି। ଗୋଦାମ ଗୃହରେ ଥିବା ଗଚ୍ଛିତ ଚାଉଳ ବସ୍ତାର ପରିମାଣ ସହ ହିସାବ ନିକାଶ କରାଯାଇଛି।

ସୂଚନାନୁଯାୟୀ, ପଞ୍ଚାୟତ ୱାର୍ଡନମ୍ବର ୧, ୨, ୩,୪,୫ ଓ ୬ ର ପ୍ରାୟ ୫୭୧ ହିତାଧିକାରୀଙ୍କୁ ଅଗଷ୍ଟ ଓ ସେପ୍ଟେମ୍ବର ମାସର ଚାଉଳ ମିଳି ନ ଥିଲା। ହିତାଧିକାରୀ ବାରମ୍ବାର ପଞ୍ଚାୟତ ଆସି ନିରାଶ ହୋଇ ଫେରୁଥିଲେ। ହିତାଧିକାରୀମାନେ ସରପଞ୍ଚ ସୁମିତ୍ରା ମାଝିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେପ୍ଟେମ୍ବର ୨୬ରେ ସରପଞ୍ଚ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏ ନେଇ ଅଭିଯୋଗ କରିଥିଲେ। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ଚାଉଳ ନ ପାଇ ହିତାଧିକାରୀମାନେ ପୁଣି ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ଶୁକ୍ରବାର ପିଡି ରତ୍ନାକର ସାହୁଙ୍କୁ ଜଣାଇବା ପରେ ସେ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଉପଜିଲାପାଳ ପ୍ରଶାନ୍ତ ସାହୁ ଗୋଦାମରେ ଥିବା ଚାଉଳ ବସ୍ତାର ପରିମାଣ ଦେଖିବା ସହ ଏସିସିଓ ଏନ୍. ଲକ୍ଷ୍ମଣ ରାଓଙ୍କ ଉପସ୍ଥିତିରେ ଷ୍ଟକ୍ ଲିଷ୍ଟ, କାଗଜପତ୍ର ଓ ଗଚ୍ଛିତ ଚାଉଳ ଏବଂ ଉଠାଯାଇଥିବା ଚାଉଳ ବସ୍ତାର ପରିମାଣ ଦେଖିଥିଲେ। ଏହାର ରିପୋର୍ଟ ଉପଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଏସିସିଓ କହିଛନ୍ତି।ଅଗଷ୍ଟରେ ୨୯୩, ସେପ୍ଟେମ୍ବର ଓ ଅକ୍ଟୋବରରେ ୮୫୦ ହିତାଧିକାରୀ ଚାଉଳ ପାଇବେ। ଗୋଦାମରେ ୧୧୪୩ ପ୍ୟାକେଟ ଚାଉଳ ଅଛି ବୋଲି ସେ କହିଛନ୍ତି। ସୀତା ମାଝି, ଉଷା ପୂଜାରୀ, ପଦମନୀ ବିଷୋୟୀ, ଗୋମତୀ ବିଷୋୟ, ନୀଳଦ୍ରି ମାଝି, ଉଲଶା ପୂଜାରୀ, ମଣିମା ମାଝି, ଲକ୍ଷୀଚନ୍ଦ୍ର ଗୌଡ଼, ବନବାସୀ ଭତରା, ଶୁଭା ଗୌଡ଼, ଜେମା ହରିଜନ, ଡମ୍ବୁ ବିଷୋୟୀ, ପର୍ଶୁରାମ ବିଷୋୟୀ, ଚନ୍ଦ୍ର ଗୌଡ଼, ଲମ୍ବୁଧର ନାୟକ, ନରସିଂହ ଭତରା, ସଦା ଆମନାତ୍ୟ ପ୍ରମୁଖ ଚାଉଳ ପାଇଁ ଆସି ନ ପାଇ ନିରାଶ ହୋଇ ଫେରିଛନ୍ତି। ଗରିବ ଲୋକ କାମଧନ୍ଦା ଛାଡି ବାରମ୍ବାର ଚାଉଳ ପାଇଁ ଆସୁଥିବା ବେଳେ ସେମାନଙ୍କୁ ନିରାଶ କରାଯାଉଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
rgdselfie@gmail.com



@ ଭୋଳାଶଙ୍କର



@ ବନି



@ ମିଲନ



@ ହୁମେଶ୍ୱର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଳ ଭିତ୍ତିଭୂମି ବିକାଶ ନେଇ ପ୍ରସ୍ତାବ ଦେଲେ ସପ୍ତଗିରି

ରାୟଗଡ଼ା ଅଫିସ,୧୫।୧୦

- ପୂର୍ବତଟ ରେଳପଥ ସମ୍ବଲପୁର ଡିଭିଜନର ବୈଠକ
- ଉଠାଇଲେ ଗୁଣପୁର-ଥେରୁବାଲି ରେଳପଥ ସମ୍ପ୍ରସାରଣ ପ୍ରସଙ୍ଗ
- ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ରାୟଗଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି

ପୂର୍ବତଟ ରେଳପଥ ସମ୍ବଲପୁର ଡିଭିଜନର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଯୋଗଦେଇ ଅବିଭକ୍ତ କୋରାପୁଟ ସମେତ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ଦିଗରେ ପ୍ରସ୍ତାବ ରଖିଥିଲେ। ରାୟଗଡ଼ାର ଦୀର୍ଘ ଦିନର ଦାବି ଗୁଣପୁର-ଥେରୁବାଲି ରେଲଲାଇନ୍‌ର ସମ୍ପ୍ରସାରଣ ସହ ଗୋପାଳପୁର- ସିଙ୍ଗାପୁର ରୋଡ ଶିଳ୍ପ କରିଡର ନିର୍ମାଣ ନେଇ ମତ ରଖିଥିଲେ। ସେହିପରି ମୁନିଗୁଡ଼ା ରେଲଷ୍ଟେଶନ ନିକଟରେ ଓଭରବ୍ରିଜ ସହ ଅଣ୍ଡରପାସ ନିର୍ମାଣ, ବିଷମକଟକର କେରାଣ୍ଡିଗୁଡ଼ା- ଚାଙ୍ଗରାଗୁଡ଼ା, ସାନବୃନ୍ଦାବାଡ଼ି, ମଝିହାଲମା, ଲତାଗୁଡ଼ା, ମୁନିଖାଲ, ଅମ୍ବାଦଳା ରୋଡ଼ରେ ଅଣ୍ଡରପାସ ନିର୍ମାଣ ପାଇଁ ସପ୍ତଗିରି ଦାବି କରିଛନ୍ତି। ସେହିପରି ରାୟଗଡ଼ା ମଧ୍ୟରେ ତୃତୀୟ ରେଲଲାଇନ୍ କାମ ଚାଲିଥିବାରୁ ବିଷମକଟକ, ଥେରୁବାଲି ଷ୍ଟେଶନରେ ନୂତନ କୋଠା ଓ ଯାତ୍ରୀଙ୍କ ପାଇଁ ପାନୀୟ ଜଳ, ଆଶ୍ରୟସ୍ଥଳୀ, ଶୌଚାଳୟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖିଛନ୍ତି। ଏହା ବ୍ୟତୀତ ହାଟିଆ- ଯଶବନ୍ତପୁର-ହାଟିଆ ଏକ୍ସପ୍ରେସ ମୁନିଗୁଡ଼ା ଷ୍ଟେଶନରେ ରହଣି, ରାଉରକେଲା- ଜଗଦଲପୁର, ହାୱଡ଼ା-ଜଗଦଲପୁର, ଧାନବାଦ-ଆଲେପି, କୋରବା- ବିଶାଖାପାଟଣା, ବିଶାଖାପାଟଣା- ନିଜାମୁଦ୍ଦିନ, ହାଟିଆ-ଯଶବନ୍ତପୁର ଟ୍ରେନ୍ ଅମ୍ବାଦଳା ଷ୍ଟେଶନରେ ରହଣି, କୋରବା-ବିଶାଖାପାଟଣା, ବିଶାଖାପାଟଣା-ନିଜାମୁଦ୍ଦିନ, ଜୁନାଗଡ଼-ଭୁବନେଶ୍ୱର ଟ୍ରେନ୍ ଥେରୁବାଲି ଓ ବିଷମକଟକ ଷ୍ଟେଶନରେ ରହଣି ନିମନ୍ତେ ଏମ୍‌ପି ପ୍ରସ୍ତାବ ରଖିଛନ୍ତି। ଦିନରେ ଜୁନାଗଡ଼ ରୋଡ- ବିଶାଖାପାଟଣା ମଧ୍ୟରେ ନୂଆ ଟ୍ରେନ୍ ଚଳାଚଳ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ସେହିପରି ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସକୁ ରାୟଗଡ଼ା ପର୍ଯ୍ୟନ୍ତ ଏବଂ ରାୟଗଡ଼ା ପାସେଞ୍ଜରକୁ ଜୁନାଗଡ଼ ରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ପ୍ରସ୍ତାବ ଦେଇଛନ୍ତି। ବୈଠକରେ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜରଙ୍କ ସମେତ ସମ୍ବଲପୁର ଡିଆର୍‌ଏମ୍, ଏମ୍‌ପି, ରାଜ୍ୟସଭା ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ କୋରାପୁଟ ଏମ୍‌ପିଙ୍କ ସମେତ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ଓ ଅନ୍ୟମାନେ ।

### ଜୋନସ୍ତରୀୟ ବିଜ୍ଞାନ ଭିତ୍ତିକ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ନବରଙ୍ଗପୁର, ୧୫।୧୦ (ବି.ପ୍ର.)

ନବରଙ୍ଗପୁର ଆର୍‌ସିଡି ନୋଡାଲ ବିଦ୍ୟାଳୟରେ ଚାଲିଥିବା ଜୋନ୍‌ସ୍ତରୀୟ ବିଜ୍ଞାନ ଭିତ୍ତିକ ନାଟକ ପ୍ରତିଯୋଗିତାର ଉଦ୍‌ଯାପିତ ହୋଇଛି। ଏଥିରେ ୬ଟି ଜିଲାର ନାଟକ ଦଳ ଭାଗ ନେଇଥିଲେ। ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଜିଲାପାଳ ଡଃ କମଳ ଲୋଚନ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଡିଇଓ ପ୍ରଦୀପ ନାଗ, ଏଡିଇଓ ରେଶମ ଲାଲ ନାୟକ, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ମଞ୍ଚ ନିର୍ଦ୍ଦେଶକ ଦେବଦାସ ମହାକୁଡ଼ ଓ ଯୁବ କଳାକାର ଫାଲଗୁନି ପାତ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ। କୋରାପୁଟ ଦଳ ପ୍ରଥମ, ନବରଙ୍ଗପୁର ଦ୍ୱିତୀୟ ଏବଂ କଳାହାଣ୍ଡି ଜିଲାର କଳାକାର ପରିବେଷଣ କରିଥିବା ନାଟକକୁ ତୃତୀୟ ପୁରସ୍କାର ମିଳିଛି। ଛାତ୍ରୀଛାତ୍ରଙ୍କ ସହ ବହୁ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ଟ୍ରାନ୍ସଫର୍ମର ଚୋରି ଅଭିଯୋଗରେ ଜଣେ ଗିରଫ

ଡାବୁଗାଁ, ୧୫।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ଟ୍ରାନ୍ସଫର୍ମର ଚୋରି ଅଭିଯୋଗରେ ଡୁମୁଣିଗୁଡା ଗ୍ରାମର ଚନ୍ଦ୍ରସେନ ଗୌଡ (୫୦)ଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଡାବୁଗାଁ ଥାନା ଅଧୀନ ମାନିଗାଁ ଗ୍ରାମରୁ ଗତ ଅଗଷ୍ଟ ମାସରେ ୨୫ କେଭି ଟ୍ରାନ୍ସଫର୍ମର ଚୋରି ହୋଇଥିଲା। ଏ ନେଇ ପାପଡାହାଣ୍ଡି ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପଣ୍ଡା ଅଗଷ୍ଟ ୨୦ରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ୍. ନଂ ୧୩୩/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଡୁମୁଣିଗୁଡା ଗ୍ରାମର ଚନ୍ଦ୍ରସେନ ଗୌଡଙ୍କ ଘରେ ଟ୍ରାନ୍ସଫର୍ମର ଥିବା ଖବରପାଇ ପୋଲିସ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ଥାନାଧିକାରୀ ପ୍ରମୋଦ କୁମାର ନାୟକ କହିଛନ୍ତି।

# ବଦଳି ପରେ ଛାଡୁନାହାନ୍ତି ଗାଦି

ସୁନାବେଡା,ସେମିଲିଗୁଡା,୧୫।୯ (ସ୍ୱ.ପ୍ର.)

- ୨ ଠିକାଦାର ପାଉଛନ୍ତି ଅହେତୁକ ଅନୁକମ୍ପା
- ବିଭିନ୍ନ ଆଳରେ ବଳି ପଡୁଛନ୍ତି ଯୋଗ୍ୟ ଠିକାଦାର

ଜଣେ ସରକାରୀ ଚାକିରିଆ ନିଜ ପଦୋନ୍ନତି ପାଇଁ କେବେ ଉପରିସ୍ଥ ଅଧିକାରୀଙ୍କୁ ତ କେବେ ରାଜନେତାଙ୍କୁ କହିଥାନ୍ତି। ଆଉ କିଏ କାର୍ଯ୍ୟାଳୟଙ୍କ ଦ୍ୱାରସ୍ଥ ହୋଇ ବ୍ୟବସ୍ଥା କରିଥାନ୍ତି। ହେଲେ ସୁନାବେଡା ଗ୍ରାମ୍ୟ ଉନ୍ନୟନ ମଣ୍ଡଳରେ ତା'ର ବ୍ୟତିକ୍ରମ ଦେଖିବାକୁମିଳିଛି। ଏଠାରେ ଅଧିକାରୀମାନଙ୍କ ବଦଳି ହେଲେ ମଧ୍ୟ ସେମାନେ ବଦଳି ସ୍ଥାନକୁ ଯିବାକୁ ଅମଙ୍ଗ ହେଉଛନ୍ତି। ଏଠାରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଚୂଡାମଣି ଗଉଡଙ୍କ ୨।୭।୨୦୧୦ରେ ବନ୍ଧୁଗାଁକୁ ବଦଳି ହୋଇଥିଲା। ଏହାକୁ ସେ ପ୍ରତ୍ୟାଖାନ କରିଥିଲେ। ତାଙ୍କୁ ୭।୪।୨୦୨୧ରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ହୋଇ ତାଙ୍କର ୩୧।୫।୨୦୨୧ରେ ନବରଙ୍ଗପୁର ଡିଭିଜନକୁ ବଦଳି ହୋଇଥିଲା। ଚୂଡାମଣି ୪।୬।୨୦୨୧ରେ ବଦଳି ସ୍ଥାନରେ ଯୋଗ ଦେଇଥିଲେ। ମାତ୍ର ସେ ପୁଣି ୯।୬।୨୦୨୧ରେ ପୁରୁଣା ଜାଗା ସୁନାବେଡାକୁ ଡେପୁଟେସନରେ ଆସିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଏଠାରେ ପୁରୁଣା ଜାଗାରେ ରହିଛନ୍ତି।ଏଥିରେ ତାଙ୍କୁ ଉପରିସ୍ଥ ଅଧିକାରୀମାନେ ସାହାଯ୍ୟ କରୁଥିବା ଅଭିଯୋଗ ହେଉଛି। ବୈଷୟିକ କ୍ଷେତ୍ରରେ ଅଭିଜ୍ଞତା ନ ଥିବା ଠିକାଦାରଙ୍କୁ କାର୍ଯ୍ୟାଦେଶ ମିଳିବା ନିୟମ ନ ଥିଲେ ମଧ୍ୟ ଏଠାରେ ତାହା ହେଉଛି। ସମସ୍ତ କ୍ଷେତ୍ରରେ ଠିକ ଥାଇ ଏବଂ କମ ପରିମାଣର ଅର୍ଥରେ କାର୍ଯ୍ୟ କରିବାକୁ ଆଗ୍ରହୀ ଟେଣ୍ଡରକୁ କଟାଯାଉଛି। ଡିଭିଜନରେ ଟେଣ୍ଡର ପ୍ରକ୍ରିୟାରେ ଅନେକ ଠିକାଦାରଙ୍କୁ ଆନୁସଙ୍ଗିକ ନଥିପତ୍ର ଏବଂ ଆବଶ୍ୟକ ଯନ୍ତ୍ରପାତି ନଥିବା ଦର୍ଶାଇ କାଟିଦିଆଯାଉଛି। ମାତ୍ର ଦୁଇଜଣ ଠିକାଦାରଙ୍କ କ୍ଷେତ୍ରରେ ସବୁ ନିୟମ ବଦଳିଯାଉଛି। କାର୍ଯ୍ୟାଦେଶ ପାଉଥିବା ଉଭୟ ଠିକାଦାରଙ୍କ ପାଖରେ ବ୍ୟବହାରିକ ଯନ୍ତ୍ରପାତି ନାହିଁ। ଏହା ସତ୍ତ୍ୱେ ଉଭୟଙ୍କୁ ସରକାରଙ୍କ ବିଜୁ ସେତୁ ଯୋଜନାରେ ଅବିଭକ୍ତ କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଅଞ୍ଚଳରେ ୧୦ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ବ୍ରିଜ କାମ ପ୍ରଦାନ କରାଯାଇଛି। ଯାହା ଏବେ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟକଳାପର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଉଛି । ଏସମ୍ପର୍କରେ ସୁନାବେଡା ଗ୍ରାମ୍ୟ ଉନ୍ନୟନ ମଣ୍ଡଳର ଅଧିକାରୀ ଶ୍ରୀଧର ନାୟକଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

### ଜଳବନ୍ଦୀ ଅଞ୍ଚଳରେ ଖଟିଆରେ ବୁହାହେଲେ ଝାଡ଼ାବାନ୍ତି ଆକ୍ରାନ୍ତ

ତେନ୍ତୁଳିଖୁଣ୍ଟି, ୧୫।୧୦(ଡି.ଏନ୍.ଏ.)

ଇନ୍ଦ୍ରାବତୀ ଜଳଭଣ୍ଡାର ଦ୍ୱାରା ଜଳବନ୍ଦୀ ଅଞ୍ଚଳରେ ଠିକ୍ ସମୟରେ ପହଞ୍ଚ ପାରୁନି ଆମ୍ବୁଲାନ୍ସ। ଫଳରେ ରୋଗୀଙ୍କୁ ଖଟିଆ,ଭାରରେ ବୋହି ନିଆଯାଉଛି। ଏହି ଘଟଣା ପୁଣି ଘଟିଛି। ଜଣେ ଝାଡାବାନ୍ତି ଆକ୍ରାନ୍ତଙ୍କୁ ଖଟିଆରେ ପ୍ରାୟ ୩କି.ମି. ବୁହାଯାଇ ନଦୀ ପାର କରି ତାଙ୍କୁ ଆମ୍ବୁଲାନ୍ସରେ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ନବରଙ୍ଗପୁର ଜିଲା ସୀମାନ୍ତ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ପୋଡାପଦର ପଞ୍ଚାୟତ ଭିତରଡୁଙ୍ଗା ଗ୍ରାମର ଦୁଖୀ ମାଝି(୩୦) ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭିତରଡୁଙ୍ଗା ଗ୍ରାମରୁ ସ୍ଥାନୀୟ ନଦୀ ଘାଟ ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ଖଟିଆରେ ବୋହି ଆଣଇଥିଲେ ପରିବାର ଓ ଗ୍ରାମବାସୀ। ନଦୀ ଘାଟରୁ ୧୦୮ ବୋଟ ଅମ୍ବୁଲାନ୍ସ ଯୋଗେ ଇନ୍ଦ୍ରାବତୀ ଜଳଭଣ୍ଡାରେ ପାରହୋଇ ପୋଡ଼ାଗଡ଼ ନଦୀବନ୍ଧ ନିକଟକୁ ଅଣାଯାଇଥିଲା। ସେଠାରୁ ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଛି। ପ୍ରକାଶ ଯେ, ତେନ୍ତୁଳିଖୁଣ୍ଟି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଞ୍ଚଳରୁ ୩ଦିନରେ ୩ ଜଣ ଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି।



ଆକ୍ରାନ୍ତଙ୍କୁ ଖଟିଆରେ ନଦୀ ଘାଟ ପର୍ଯ୍ୟନ୍ତ ନିଆଯାଉଛି।

# 'ଘୃଣା ଛାଡ଼ ସମ୍ବିଧାନ ବଞ୍ଚାଓ' ଅଭିଯାନ

ମୁନିଗୁଡ଼ା,୧୫।୧୦(ଡି.ଏନ୍.ଏ.)

**ନିୟମଗିରି ସୁରକ୍ଷା ସମିତିର ୧୦୦ କି.ମି. ପଦଯାତ୍ରା ଆରମ୍ଭ**

ଏକତା, ସମାନତା, ସ୍ୱତନ୍ତ୍ରତା, ବନ୍ଧୁତା ଓ ନ୍ୟାୟର ସଚେତନତା ବାର୍ତ୍ତା ନେଇ ରାୟଗଡ଼ା ଜିଲା ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ୫ ଦିନିଆ ପଦଯାତ୍ରା ଶନିବାର ଆରମ୍ଭ ହୋଇଛି। 'ଘୃଣା ଛାଡ଼ ସମ୍ବିଧାନ ବଞ୍ଚାଓ' ବାର୍ତ୍ତା ନେଇ ଆରମ୍ଭ ହୋଇଥିବା ପଦଯାତ୍ରା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ମୁନିଖୋଲ ଠାରୁ ଆରମ୍ଭ ହୋଇ କଳାହାଣ୍ଡି ଜିଲା ଭବାନୀପାଟଣାରେ ସରିବ।

ପ୍ରାୟ ୧୦୦ କି.ମି. ରାସ୍ତା ଅତିକ୍ରମ କରି ପଦଯାତ୍ରା ୧୯ ରେ ଭବାନୀପାଟଣାରେ ପହଞ୍ଚିବ। ସେଠାରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ମିଳିଛି। ରାଜନେତାମାନେ ସମ୍ବିଧାନର ଅପବ୍ୟବହାର କରିବା, ଦରଦାମ ବୃଦ୍ଧି, ନିଯୁକ୍ତି ସଙ୍କୁଚିତ ହେବା ଓ ବେକାରୀ ସମସ୍ୟା ବୃଦ୍ଧି ଲୋକଙ୍କ ଜୀବନ, ଜୀବିକା ଉପରେ ପ୍ରଭାବ ପକାଇଛି। ସେହିପରି ସମ୍ବିଧାନ ପ୍ରଣେତା ବି. ଆର୍. ଆମ୍ବେଦକରଙ୍କ ସ୍ୱପ୍ନକୁ ଅପବ୍ୟବହାର କରିଯିବାର ପ୍ରତିବାଦରେ ଏହି ପଦଯାତ୍ରାର ଆୟୋଜନ କରାଯାଇଛି। ପଦଯାତ୍ରାରେ ନିୟମଗିରି ସୁରକ୍ଷା ସମିତିର ଲଦ ସିକକା, ଉପେନ୍ଦ୍ର ଦ୍ରାବିଡ଼, ରାଜା ରାମମୋହନ, ଡିଞ୍ଜି କୃଷିକା, ଲିଙ୍ଗରାଜ ଆଜାଦଙ୍କ ସମେତ ୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ ସାମିଲ ଅଛନ୍ତି।



ନିୟମଗିରି ସୁରକ୍ଷା ସମିତିର ସଦସ୍ୟମାନେ ପଦଯାତ୍ରାରେ ବାହାରିଛନ୍ତି।

# ସରକାରୀ ଜମିରେ ଅଧା ତିଆରି ଘର ଭାଙ୍ଗିଦେଲା ରାଜସ୍ୱ ବିଭାଗ

ନବରଙ୍ଗପୁର/ଝରିଗାଁ,୧୫।୧୦(ବି.ପ୍ର./ସ୍ୱ.ପ୍ର.)

**ପଲିଥିନ ତଳେ ପରିବାରର ଜୀବନ**

ମନୁଷ୍ୟର ସର୍ବନିମ୍ନ ଆବଶ୍ୟକତା ହେଉଛି ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଏହି ପ୍ରାଥମିକ ମୌଳିକ ସୁବିଧା ବି ଆଜିର ଦୁନିଆରେ ଅଭାବ ରହିଛି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା କରିଛନ୍ତି। କେନ୍ଦ୍ର ସରକାର ଆବାସ ଯୋଜନା ବଣ୍ଟନରେ ରାଜ୍ୟକୁ ଅବହେଳା କରୁଥିବା ନେଇ ତୁମ୍ବିତୋଫାନ କରିବା ଘଟଣା କାହାକୁ ଅଜଣା ନାହିଁ। ତେବେ କେନ୍ଦ୍ର ସରକାର ଗରିବ ବାସହୀନଙ୍କୁ ଆବାସ ଯୋଜନାରେ ସାମିଲ କରି ଗୃହ ଯୋଗାଉଥିବା ବେଳେ ରାଜ୍ୟ ସରକାର ସେହି ଗୃହକୁ ଭାଙ୍ଗି ପୁଣି ବାସହୀନ କରୁଥିବାର ଏକ ଚିତ୍ର ସାମ୍ନାକୁ ଆସିଛି। ବାସହୀନ ପରିବାରଙ୍କ ମୁଣ୍ଡ ଉପରେ ଛାତ ନ ଥିବା ଯୋଗୁ ପଲିଥିନ ତଳେ ଦିନ କାଟୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରକୃତ ହିତାଧିକାରୀଙ୍କ ଏହି ପ୍ରକାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ଧୋଡ୍ରା ପଞ୍ଚାୟତରେ।

୨୦୨୦-୨୧ରେ ଧୋଡ୍ରା ପଞ୍ଚାୟତର ୫ ନମ୍ବର ୱାର୍ଡରେ ୨୦ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ। ସେମାନଙ୍କ ମଧ୍ୟରୁ ରତନ ବିଶ୍ୱାସଙ୍କ ପଟ୍ଟା ଜମି ନ ଥିବାରୁ ପ୍ରଶାସନ ଦ୍ୱାରା ଚିହ୍ନଟ ସ୍ଥାନରେ ରାଜସ୍ୱ ବିଭାଗର ଅନୁମତିକ୍ରମେ ସେ ଘର ତିଆରି କରିଥିଲେ। ସେ ଦୁଇଥର ନିଜ ବ୍ୟାଙ୍କ ଆକାଉଣ୍ଟରେ ଆସିଥିବା ସରକାରୀ ଟଙ୍କା ମଧ୍ୟ ଉଠାଇଥିଲେ। ପ୍ରଥମ କିସ୍ତି ୨୦ ହଜାର ଓ ଦ୍ୱିତୀୟ କିସ୍ତି ୩୫ ହଜାର ଟଙ୍କା ପାଇଥିଲେ ମଧ୍ୟ ସରକାରୀ ଜାଗାରେ ଗୃହ ନିର୍ମାଣ କରୁଥିବା ଦର୍ଶାଇ ରତନଙ୍କୁ ଘର ତିଆରି ବନ୍ଦ କରିବାକୁ ଏକ ନୋଟିସ ଦେଇଥିଲେ। ଏହାସହିତ ଏକ ଲକ୍ଷ ଟଙ୍କା ଜରିମାନା କରିଥିଲେ। ଯେହେତୁ ରତନ ଗରିବ ଲୋକ, ତେଣୁ ଏହି ଟଙ୍କା ବାନ୍ଧିବା ପାଇଁ ଅସମର୍ଥ ହେଲେ। ଜରିମାନା ଟଙ୍କା ସରକାରୀ ଖାତାକୁ ଜମା କଲେ ନାହିଁ। ଅନ୍ୟପକ୍ଷରେ ଅର୍ଦ୍ଧନିର୍ମିତ ଘରେ ଟିଣଛପର କରି ପରିବାର ସହ ରହୁଥିଲେ। ଗୁରୁବାର ଝରିଗାଁ ତହସିଲଦାର ପୋଲିସ ସହ ଆସି ମେଶିନ ଆଣି ରତନଙ୍କ ଘରକୁ ଭାଙ୍ଗି ଦେଇଥିଲେ। ଘର ଭାଙ୍ଗିଯିବା ପରେ ପଲିଥିନ ଟାଣି ମୁଣ୍ଡ ଗୁଞ୍ଜିଛନ୍ତି ପରିବାର ଲୋକେ। ଧୋଡ୍ରା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜାଗା ଚିହ୍ନଟ ହୋଇଥିଲା। ପରେ ଘର କାମ ଆରମ୍ଭ କରିଥିଲି। ଘର ପ୍ରାୟ ଛାତ ପର୍ଯ୍ୟନ୍ତ କାମ ଶେଷ ହୋଇଯାଇଥିଲା। ଝରିଗାଁ ତହସିଲଦାର ଆକ୍ରୋଶମୂଳକ ଘର ଭାଙ୍ଗି ଦେଇଥିବା ରତନ ଅଭିଯୋଗ କରିଛନ୍ତି। ଧୋଡ୍ରାରେ ଚଳିତ ବର୍ଷ ବହୁ ଆବାସ ଗୃହ ସରକାରୀ ଜମିରେ ନିର୍ମାଣ ହୋଇଥିବା ସେ କହିଛନ୍ତି। ଝରିଗାଁ ତହସିଲଦାରଙ୍କୁ ପଚାରିବାରୁ ଝରିଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଯେଉଁ ଯାଗା ଦିଆଯାଇଥିଲା ରତନ ସେଥିରେ ଘର ନକରି ସରକାରୀ ଜାଗାରେ ଘର ତିଆରି କରୁଥିଲେ ବୋଲି କହିଛନ୍ତି। ଏ ନେଇ ଧୋଡ୍ରା ରାଜସ୍ୱ ନିରୀକ୍ଷକ ପୁରୁଷୋତ୍ତମ କଲଥିଆଙ୍କୁ ପଚାରିବାରୁ ଜାଗା ଛାଡ଼ିବା ଲାଗି ରତନଙ୍କୁ ନୋଟିସ ଦିଆଯାଇଥିଲା। ଉକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ସେ ଲିଖିତ ଭାବେ ଜଣାଇଥିଲେ, କିନ୍ତୁ ସେହି ସ୍ଥାନରେ ଗୃହ ନିର୍ମାଣ କରି ରହୁଥିବା ଯୋଗୁ ଉଚ୍ଛେଦ କରାଗଲା ବୋଲି କହିଛନ୍ତି।



## ସଂକ୍ଷେପରେ

### ହୋଟେଲ ରୁମ୍‌ରୁ ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି,୧୫।୧୦ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାର ଏକ ହୋଟେଲ ରୁମ୍‌ରୁ ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଏମ୍.ଭି.-୨୬ ଗ୍ରାମର ରାହୁଲ ଚକ୍ରବର୍ତ୍ତୀ। କୌଣସି ସୂତ୍ରରୁ ଖବର ପାଇ ଏସ୍ଆଇ ପ୍ରଭାତ ଗୌଡ ଓ ଅନ୍ୟ ପୋଲିସ କର୍ମଚାରୀମାନେ ସମ୍ପୃକ୍ତ ହୋଟେଲକୁ ଯାଇଥିଲେ। ସେଠାରେ ରୁମ୍ ନଂ. ୨୦୬ରେ ଥିବା ଏମ୍.ଭି.-୨୬ ଗ୍ରାମର ରାହୁଲଙ୍କୁ ଯାଞ୍ଚ କରିଥିଲେ। ଏହି ସମୟରେ ତାଙ୍କ ନିକଟରୁ ୨୦ କେଜି ୬୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। କେସ୍ ନଂ. ୬୧୪/୨୨ ରେ ଏକ ମାମଲା ରୁଜୁ କରାଯାଇ ଗିରଫ ପରେ ରାହୁଲଙ୍କୁ କୋର୍ଟଚାଲାଣ କରାଯାଇଛି।

### କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାଚନ ୧୧ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର

ଜୟପୁର, ୧୫।୧୦ (ନି.ପ୍ର.)- କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାଚନ ନେଇ ନାମାଙ୍କନ ପତ୍ର ଦାଖଲ ପରେ ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ନେଇ ଦିନ ଧାର୍ଯ୍ୟ ହୋଇଥିଲା। ନିର୍ଦ୍ଦେଶକ ପଦବୀ ପାଇଁ ୩୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ୧୫ଟି ଜୋନରୁ ୩ଟି ଜୋନରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମାଲକାନଗିରି, ନବରଙ୍ଗପୁର ଓ ରାୟଗଡା ଜିଲାର ଗୋଟିଏ ଲେଖାଏ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ଜଣାଯାଇଛି। ତେବେ ୧୫ଟି ଜୋନରୁ ୪୬ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ୧୧ରେ ଅଭିଯୋଗର ଶୁଣାଣି ପରେ ୧୨ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ୩୦ରେ ନିର୍ବାଚନ ହେବ ବୋଲି ନିର୍ବାଚନ ଅଧିକାରୀ ଉପ ଜିଲାପାଳ ବେଦବର ପ୍ରଧାନ କହିଛନ୍ତି।

### କବି କର୍ମଶାଳାରେ ସମ୍ମାନିତ ହେଲେ ମାଲକାନଗିରି ଦମ୍ପତି

ଚିତ୍ରକୋଣ୍ଡା,୧୫।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳର ଶିକ୍ଷକ ଦମ୍ପତି ଚିତ୍ରକୋଣ୍ଡାରେ ଅନୁଷ୍ଠିତ ହୋଇଥିବା ସାହିତ୍ୟ ଆସରରେ ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଏବଂ ତାଙ୍କ ସ୍ତ୍ରୀ ସବିତା ତ୍ରିପାଠୀ। ସବିତା ବର୍ତ୍ତମାନ ଆରଏସସି-୧୨ସ୍ଥିତ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଏହି କର୍ମଶାଳା ଖୋର୍ଦ୍ଧା ଜିଲା ବାରଙ୍ଗର ନନ୍ଦନକାନନଠାରେ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ କବିତା ଗ୍ରନ୍ଥ ଭକ୍ତି ନୈବେଦ୍ୟ ଓ ଉର୍ତ୍ତୀର୍ଣ୍ଣ ପୁସ୍ତକ ଉନ୍ମୋଚନ ହୋଇଥିଲା। ଉଭୟଙ୍କ ଏପରି ସଫଳତା ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ଖେଳାଇ ଦେଇଛି।

### ନାବାଳିକାଙ୍କୁ ଅପହରଣ, ବଳାତ୍କାର କରି ଅଭିଯୁକ୍ତ ଗିରଫ

ଜୟପୁର, ୧୫।୧୦(ନି.ପ୍ର.)- ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୁନ୍ଦୁରା ଥାନା ଅନ୍ତର୍ଗତ ନୂଆଗୁଡା ଗ୍ରାମର କୋଇନ ହରିଜନ (୨୧)। କୋଇନ ନାବାଳିକାଙ୍କୁ ବିଭିନ୍ନ ପ୍ରୋଲେଶଭନ ଦେଖାଇ ଅପହରଣ କରି ନେଇ ବଳାତ୍କାର କରିଥିଲେ। ଏନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଥିଲା। ତଦନ୍ତରୁ କୋଇନ ଅଭିଯୁକ୍ତ ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ମମତା ପାଣିଗ୍ରାହୀକହିଛନ୍ତି।

### ବିଶ୍ୱ ହାତ ଧୂଆ ଦିବସ ପାଳିତ

ଜୟପୁର,୧୫।୧୦ (ନି.ପ୍ର.)-ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଜୁନିୟର ରେଡକ୍ରସ ଶାଖା ପକ୍ଷରୁ ବିଶ୍ୱ ହାତ ଧୂଆ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସିମାଞ୍ଚଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ଜୁନିୟର ରେଡକ୍ରସ ପରାମର୍ଶଦାତା ଯଜ୍ଞେଶ୍ୱର ପଣ୍ଡା ଯୋଗଦେଇ ହାତ ଧୂଆ କୌଶଳ ଓ ହାତ ଧୂଆର ଉପକାରିତା ବିଷୟରେ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ନିଜ ହାତକୁ ସାବୁନରେ ସଫା କରି ଧୋଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଭାତ ରଥ, ବିଶ୍ୱରଞ୍ଜନ ଗୌଡ଼, ସୁବର୍ଣ୍ଣ କୁମାରୀ ଖିଲ, ସୁଚରିତା ପଟ୍ଟନାୟକ ପରିଚାଳନା କରିଥିଲେ। ରେଡକ୍ରସର ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ହାତ ଧୋଇ ନିଜ ପରିବାର, ସାହି ଓ ଗ୍ରାମରେ ସ୍ୱଚ୍ଛ ହାତ ଉତ୍ତମ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ଶପଥ କରିଥିଲେ।

# ଶହୀଦଙ୍କ ଜନ୍ମସ୍ଥାନରୁ ଆରମ୍ଭ ହେବ ପରବ ମଶାଲ

କୋରାପୁଟ,୧୫।୧୦(ସ୍ୱ.ପ୍ର.)



ପରବ ପାଳନ ନେଇ ବସିଥିବା ବୈଠକ।

- ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ
- ଡିସେମ୍ବର ୧୭,୧୮ ଓ ୧୯ରେ ମୁଖ୍ୟ ସମାରୋହ

ନଭେମ୍ବର ମାସରେ କୋରାପୁଟ ଜିଲା ବୈପାରିଗୁଡା ବ୍ଲକର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମସ୍ଥାନ ତେନ୍ତୁଲିଗୁମ୍ମା ଗ୍ରାମରୁ ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ-୨୦୨୨ ଆରମ୍ଭ ହେବ। ଏହାର ମୁଖ୍ୟ ମଶାଲ ଶହୀଦଙ୍କ ଜନ୍ମସ୍ଥାନରୁ ବାହାରିବ। ଏନେଇ ଶନିବାର କୋରାପୁଟସ୍ଥିତ ସଦଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପରବ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲା ସଂସ୍କୃତି ବିଭାଗ ଅଧ୍ୟକ୍ଷ ତଥା ଜିଲାପାଳ ଅବଦାଲ ଏମ. ଅଖତାରଙ୍କ ଅଧ୍ୟକ୍ଷତାରରେ ହୋଇଥିବା ବୈଠକରେ ନଭେମ୍ବର ୧୫ ରୁ ୧୭ ମଧ୍ୟରେ ତେନ୍ତୁଲିଗୁମ୍ମାରୁ ପରବ ଶୁଭାରମ୍ଭ ହେବ। ଚଳିତ ବର୍ଷ ପରବର ରୈପ୍ୟ ଜୟନ୍ତୀକୁ ପଞ୍ଚାୟତସ୍ତରରୁ ଆରମ୍ଭ କରାଯାଇ ବ୍ଲକସ୍ତରୀୟ ପରେ ଜିଲାସ୍ତରୀୟ କାର୍ଯ୍ୟକ୍ରମମାନ ହେବ। ସେହିପରି ଡିସେମ୍ବର ୧୭,୧୮,୧୯ରେ ରାଜ୍ୟସ୍ତରୀୟ ପରବର ମୁଖ୍ୟ ମହୋତ୍ସବ ଲାଣ୍ଡିଗୁଡାସ୍ଥିତ କୋରାପୁଟ ସରକାରୀ ମହାବିଦ୍ୟାଳୟର ପଡିଆଠାରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝି, କୋରାପୁଟ ଉପଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ଜିଲା ଯୋଜନା ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ସହକାରୀ ଲୋକ ସଂପର୍କ ଅଧିକାରୀ ଏସ. ଗାଦବା, ଜୟପୁର ବିଧାୟକଙ୍କ ପ୍ରତିନିଧି ଭଗବାନ ବାହିନୀପତି, କୋରାପୁଟ ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ସୂଚାରୁ ରୂପେ ପାଳିତ ହେବା ନେଇ ନିଜ ମତ ରଖିଥିଲେ। ଚଳିତ ବର୍ଷ କୋରାପୁଟ ଜିଲାରେ ହେବାକୁ ଥିବା ପରବ ୨୫ ବର୍ଷ ଶେଷ ହେଉଥିବାରୁ ପରବ ମାଧ୍ୟମରେ କିପରି ଜିଲାର ଆଦିବାସୀ ସଂସ୍କୃତି ଓ ଜିଲାରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡିକର ପ୍ରସାର ଓ ପ୍ରଚାର କରାଯିବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଭାରତର ଆଜାଦୀ କି ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶରେ ଆଜାଦି କି ଅମୃତ ମହୋତ୍ସବ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ପରବ ଜିଲାର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମସ୍ଥାନ ତେନ୍ତୁଲିଗୁମ୍ମାରୁ ଶୁଭାରମ୍ଭ ହେବ। ଏଥିସହ ଜିଲାରେ ରହିଥିବା ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ତାଙ୍କ ପରିବାରକୁ ସେଠାରେ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଲୋକ ମହୋତ୍ସବରେ ଜିଲାର ସଂସ୍କୃତି ଓ କଳାକାରମାନଙ୍କୁ ପ୍ରାଧାନ୍ୟ ମିଳିବ ବୋଲି ଜିଲାପାଳ ଅଖତାର କହିଥିଲେ।

# ଡିଆଇ ପିଆର୍‌ଓଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୧୦ (ବ୍ୟୁରୋ)

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ହିସାବ ରକ୍ଷଣ ଓ ବିତ୍ତୀୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶନିବାର ଉଦ୍‌ଯାପିତ ହୋଇଛି। ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନଠାରେ ୩ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ କହିଲେ, ଏହାଦ୍ୱାରା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଅଧିକ ସୁଦୃଢ଼ ହେବ। ଆଗାମୀ ଦିନରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ସେ ବିଭିନ୍ନ ପ୍ରସଙ୍ଗରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶିକ୍ଷଣ ଗୁଣାତ୍ମକ ଥିଲା ଏବଂ ଆମ ପାଇଁ ଏହା ଲାଭଦାୟକ ହୋଇଛି ବୋଲି ଡିଆଇପିଆର୍‌ଓମାନେ ମତ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ତ୍ରିପାଠୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଜେଟ୍ ପ୍ରସ୍ତୁତି, ପେନ୍‌ସନ୍ ନିୟମ, ସରକାରୀ ବିତ୍ତୀୟ ବ୍ୟବସ୍ଥା ଓ ଅଡିଟ୍, ଆୟକର ପ୍ରଦାନରେ ଟିଡିଏସ୍ ବ୍ୟବସ୍ଥା, ଜିଏସ୍‌ଟି, ଜିଇଏମ୍ ପୋର୍ଟାଲ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମସଚିବ ବିଷ୍ଣୁପ୍ରିୟା ସାହୁ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର୍ ସିଂ, ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶିକା ଚିରସ୍ମିତା ସାହୁ ଏ ବଂ ଉପନିର୍ଦ୍ଦେଶକ ଭାନୁମଙ୍ଗଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଖବର ପ୍ରସାରଣ ପରେ ବ୍ଲକ କଲୋନୀ ବିଦ୍ୟାଳୟକୁ ପୁନଃ ବିଦ୍ୟୁତ୍ ସଂଯୋଗ ହେଲା



ବିଦ୍ୟୁତ୍ ସଂଯୋଗ ପରେ ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହରେ ପାଠ ପଢୁଛନ୍ତି।

**ଧରିତ୍ରୀ ପ୍ରଭାବ**

ବୈପାରିଗୁଡା,୧୫।୧୦ (ଡି.ଏନ୍.ଏ.)

ଖବର ପ୍ରସାରଣ ପରେ ସ୍ଥାନୀୟ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟକୁ ପୁନଃ ବିଦ୍ୟୁତ୍ ସଂଯୋଗ ହୋଇଛି। ଶୁକ୍ରବାର ଟିପିଏସ୍‌ଓଡିଲ୍ ପକ୍ଷରୁ ବିଦ୍ୟାଳୟରେ ମିଟର ବସାଯିବା ସହ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଜଣାପଡିଛି। ଗତ ଜାନୁଆରୀ ୨୯ରେ ଜୟପୁର ଟିପିଏସ୍‌ଓଡିଏଲ୍ ଭିଜିଲାନ୍ସ ୱିଙ୍ଗ ବିଦ୍ୟାଳୟର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲା। ବିଦ୍ୟାଳୟରେ ବିନା ମିଟରରେ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଦର୍ଶାଇ ୩୩ ହଜାର ୧୫୭ ଟଙ୍କା ଜରିମାନା କରାଯାଇଥିଲା। ଏନେଇ ନୋଟିସ୍ ଜାରି କରି ଜରିମାନା ପୈଠ ନକଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି କୁହାଯାଇଥିଲା। ଏହି ସମୟରେ ବିଦ୍ୟାଳୟର ତତ୍କାଳିନ ପ୍ରଧାନ ଶିକ୍ଷୟିତ୍ରୀ ୨୦୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ୮୪୯୮ ଟଙ୍କା ପୈଠ କରାଯାଇଥିବା ଏବଂ ଏଥିରେ କଞ୍ଜୁମର ନମ୍ବର ଉଲ୍ଲେଖ ଥିବା କହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କିଛି ଶୁଣି ନ ଥିଲେ। ବିଦ୍ୟାଳୟ ପକ୍ଷରୁ ବିଦ୍ୟୁତ୍ ବିଭାଗର ଉପରିସ୍ଥ ଅଧିକାରୀ ଓ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ବିଦ୍ୟୁତ୍ ନ ଥିବାରୁ ବିଦ୍ୟାଳୟରେ ପାଣି ମୋଟର ବନ୍ଦ ହୋଇଯାଇଥିଲା। ପିଲାମାନେ ଅନ୍ଧାରରେ ପାଠ ପଢୁଥିଲେ। ପାଣି ମୋଟର ଏବଂ ଟାଙ୍କି ଅଚଳ ହୋଇପଡିବାରୁ ପାଇଖାନା ମଧ୍ୟ ବ୍ୟବହାର ହୋଇପାରୁ ନ ଥିଲା। ବିଦ୍ୟାଳୟର ଏହି ସମସ୍ୟା ନେଇ ଗତ ୧୩ରେ ଫେବୃଆରୀରୁ ସ୍କୁଲରେ ନାହିଁ ବିଦ୍ୟୁତ୍ ଶୀର୍ଷକ ଏକ ଖବର ପ୍ରକାଶ ପାଇବା ପରେ ଏ ଦିଗରେ ତତ୍ପରତା ପ୍ରକାଶ ପାଇଥିଲା। ବିଦ୍ୟୁତ୍ ସଂଯୋଗ ହେବା ପରେ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି।

## ବନ୍ଧା ହେଲେ ନକଲି ଆରଟିଓ କର୍ମଚାରୀ

ବୈପାରିଗୁଡା,୧୫।୧୦ (ଡି.ଏନ୍.ଏ.)

ନିଜକୁ ରାଜ୍ୟ ପରିବହନ ବିଭାଗର ଜଣେ କର୍ମଚାରୀ ପରିଚୟ ଦେଇ ଉପାନ୍ତ ଅଞ୍ଚଳର ଲୋକଙ୍କୁ ନକଲି ଡ୍ରାଇଭିଂ ଲାଇସେନ୍ସ ଦେଉଥିବା ଜଣେ ଅଭିଯୁକ୍ତ ଧରାପଡିଛନ୍ତି। ତାଙ୍କୁ ବୈପାରିଗୁଡା ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କୋରାପୁଟ ଜିଲା ଜୟପୁର ବାରିଣିପୁଟ ଗ୍ରାମର ମହେନ୍ଦ୍ର ଖେମୁଣ୍ଡୁ। ଏନେଇ ଶନିବାର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

ଖବରରରୁ ଜଣାପଡିଛି ଉକ୍ତ ଅଞ୍ଚଳର ନାରାୟଣ ମାଳି ନାମକ ବ୍ୟକ୍ତି ପାଇଥିବା ଡ୍ରାଇଭିଂ ଲାଇସେନ୍ସ ନକଲି ବୋଲି ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ପୋଲିସ ଶୁକ୍ରବାର ରାତିରେ ନାରାୟଣଙ୍କୁ ତାଙ୍କ ବାରିଣିପୁଟ ବାସଭବନରୁ ଗିରଫ କରିଥିଲା। ତାଙ୍କଠାରୁ ଏକ କଲ୍‌ର ପ୍ରିଣ୍ଟର, ଲାପଟପ୍, ସ୍କାନର, ବ୍ୟାନର, ଲାଇସେନ୍ସ ଛପା ହେବାକୁ ଥିବା କାଗଜ ଜବତ ହୋଇଛି। ନାରାୟଣ ପ୍ରତି ଲାଇସେନ୍ସ ପିଛା ଲୋକଙ୍କଠାରୁ ୨ ହଜାରରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ନେଉଥିଲେ। ତଦନ୍ତ ବେଳେ ଶତାଧିକ ନକଲି ଲାଇସେନ୍ସ ଜବତ ହୋଇଛି। ସେ ପୂର୍ବରୁ ଏକ ବାଇକ୍ ଶୋ ରୁମ୍‌ରେ କାମ କରୁଥିଲେ। ଫଳରେ ଲାଇସେନ୍ସ ସମ୍ପର୍କରେ ତାଙ୍କର ଧାରଣା ଥିଲା। ତାଙ୍କ ବିରୋଧରେ ଧାରା ୪୧୯/୪୨୦/୪୬୮/୪୭୧ରେ ମାମଲା ରୁଜୁ ହୋଇଛି। କେସ୍ ନଂ. ୧୩୪/୨୨। ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଅଶ୍ୱିନ ପଟ୍ଟନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ମାସ ୧୯ ତାରିଖରେ ଧରିତ୍ରୀରେ 'ଜାଲ୍ ଡ୍ରାଇଭିଂ ଲାଇସେନ୍ସ ଜାଲରେ ୨ ଯୁବକ' ଶୀର୍ଷକ ଏକ ଖବର ପ୍ରକାଶ ପାଇବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା।

## ଆର୍ଥିକ ଅନଗ୍ରସରଙ୍କୁ ସହାୟତା

ମାଲକାନଗିରି,୧୫।୧୦ (ଡି.ଏନ୍.ଏ.)

ମାଲକାନଗିରି ଓଟିଇଏଲପି ପ୍ଲସ, ଆଇଟିଡିଏ ପକ୍ଷରୁ ଆର୍ଥିକ ଅନଗ୍ରସରଙ୍କୁ ସହାୟତା ପ୍ରଦାନ କରାଯାଇଛି। ବିଭିନ୍ନ ଗ୍ରାମର ଚିହ୍ନଟ ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ସ୍ୱରୂପ ଉତ୍ପାଦନକାରୀ ଉପକରଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହିତାଧିକାରୀ ଗ୍ରାମରେ ଥିବା ଗ୍ରାମ୍ୟ ଉନ୍ନୟନ ସଂଘ ଦ୍ୱାରା ଚିହ୍ନଟ ହେବା ପରେ ଓଟିଇଏଲପି ପ୍ଲସ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝୀ, ଡିଡବ୍ଲ୍ୟୁଓ କୃପାସିନ୍ଧୁ ବେହେରା ଯୋଗ ଦେଇଥିଲେ। ୩୨ଜଣ ହିତାଧିକାରୀଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ପ୍ରଶାସକ ମାଝୀ ହିତାଧିକାରୀଙ୍କୁ ଉତ୍ସାହିତ କରିବା ସହ ନିଜ ଜୀବନ ଜୀବିକା କ୍ଷେତ୍ରରେ କିପରି ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଟିଇଏଲପି ପ୍ଲସର ପିଓସିବିପ୍ରିୟବ୍ରତ ଖମାରୀ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ କୃତିବାସ ହୋତା, ଦେବବ୍ରତ ବେହେରା, ସଦାନନ୍ଦ ବୈରାଗୀ, କାଞ୍ଚନ ଦାସ, ବିନୟ ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ର ସମବାୟ ବ୍ୟାଙ୍କର ବ୍ୟାଙ୍କିଂ ସହାୟକଙ୍କ ପାଇଁ କମ୍ପ୍ୟୁଟରୀକରଣ କାର୍ଯ୍ୟକ୍ରମ

ମାଲକାନଗିରି,୧୫।୧୦(ଡି.ଏନ୍.ଏ.)



ଉଦ୍‌ଘାଟିତ କମ୍ପ୍ୟୁଟରୀକରଣ କାର୍ଯ୍ୟକ୍ରମ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କେନ୍ଦ୍ର ସମବାୟ ବ୍ୟାଙ୍କଗୁଡିକରେ ନବ ନିଯୁକ୍ତ ବ୍ୟାଙ୍କିଂ ସହାୟକଙ୍କ ପାଇଁ ଦିଗଦର୍ଶନ, ପ୍ରାଥମିକ ଓ କୃଷିଋଣ ସମବାୟ ସମିତିର କମ୍ପ୍ୟୁଟରୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିରେ ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ସିଡିପିଓ ତଥା ନିର୍ବାହୀ ଅଧିକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, କେସିସି ବ୍ୟାଙ୍କ ଶାଖା ପରିଚାଳକ ଏମ୍‌ଭି- ୭୯ ଶାଖା ଶାଖା ପରିଚାଳକ ଓ ୮ଟି ଲ୍ୟାମ୍ପର ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ଏହି କମ୍ପ୍ୟୁଟରି କରଣ କାର୍ଯ୍ୟକ୍ରମ ଦ୍ୱାରା ୨୦୬୩ଟି କୋର ବ୍ୟାଙ୍କିଂର ସୁବିଧା ହେବ। ଏଥିରେ ୨୮ ଜଣ ଅଧିକାରୀ ଓଡିଶା ରାଜ୍ୟ ବୋର ହାଉସିଂ କର୍ପରେଶନରେ ଯୋଗ ଦେବେ। ଏଥିପାଇଁ ଓଏସ୍‌ଡବ୍ଲ୍ୟୁସି ୩.୦୭ କୋଟି ଟଙ୍କା ମଞ୍ଜୁର କରିଛି। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ସାରା ଦେଶ ପାଇଁ ପ୍ରଥମ ଥର ଆରମ୍ଭ ହୋଇଛି। ଏହା କପୋରେଟିଭ୍ ପାଇଁ ଏକ ଐତିହାସିକ କୀର୍ତ୍ତୀ ସୃଷ୍ଟି କରିବ। ଏହା ଦ୍ୱାରା ରାଜ୍ୟର ପ୍ରାୟ ୬୦ ପ୍ରତିଶତ ଚାଷ ଋଣ ଛାଡ କରାଯାଇପାରିବ। ଧାନଚାଷ ଓ ଅନ୍ୟାନ୍ୟ କୃଷି ଜାତୀୟ ଚାଷ ପାଇଁ ସୁବିଧା ମିଳିବ। ଏହି ବ୍ୟବସ୍ଥା ଦ୍ୱାରା ଚାଷୀମାନେ ସେମାନଙ୍କ ଉତ୍ପାଦିତ ଶସ୍ୟକୁ ସୁରକ୍ଷିତ ଭାବେ ଅନ୍ୟକୁ ବିତରଣ କରିପାରିବେ ବୋଲି କର୍ପୋରେଶନ ମନ୍ତ୍ରୀ ଅତନୁ ସବ୍ୟସାଚୀ କହିଛନ୍ତି। ଏଥିରେ ନୂତନ ସଭ୍ୟ ଜୟଶ୍ରୀ ସୋରେନ, ବିରଞ୍ଚି ନାରାୟଣ ଏବଂ ସନ୍ଦିପ ସୌରଭ ନିଜ ମତ ରଖିଥିଲେ।

## ନିଜ ସମସ୍ୟା ଆଲୋଚନା କଲେ ଅବସରପ୍ରାପ୍ତ କର୍ମଚାରୀ

ମାଲକାନଗିରି,୧୫।୧୦ (ଡି.ଏନ୍.ଏ.)-



ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କର୍ମଚାରୀଙ୍କ ଏକ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ଉପଦେଷ୍ଟା ପ୍ରକାଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଂଘ ବରିଷ୍ଠ ସଦସ୍ୟ ଶିକ୍ଷକ ଆର୍. ଭିମାରାଓଙ୍କ ପରଲୋକରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମ୍ପାଦକ ରବିନ୍ଦ୍ର ମହାରଣା ବିବରଣୀ ପାଠ କରିଥିଲେ। ଜିଲା ପ୍ରଶାସନ ସଂଘ କାର୍ଯ୍ୟାଳୟକୁ ଲକ୍ଷାଧିକ ଟଙ୍କା ବ୍ୟୟରେ ମରାମତି କରିଥିବାରୁ ଏହି ଅବସରରେ ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶୀଘ୍ର ସାରିବା ନେଇ ପୂର୍ତ୍ତ ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ସଂଘରେ ସମସ୍ତ ସଦସ୍ୟାସଦସ୍ୟ ବରିଷ୍ଠ ନାଗରିକ ହୋଇଥିଲେ ମଧ୍ୟ ଜିଲା ପୋଲିସ ପ୍ରଶାସନ ୧୦୦ ଜଣଙ୍କୁ ନାଗରିକ ପରିଚୟ ପତ୍ର ଦେଇଥିବାରୁ ଦୁଃଖ ପ୍ରକାଶ କରାଯାଇଥିଲା। ତୁରନ୍ତ ମାଲକାନଗିରି ଏସ୍‌ପି ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଆଗାମୀ ୨୩ରେ ସଂଘର ସମସ୍ତ ସଦସ୍ୟା ସଦସ୍ୟଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୋହନ ନାୟକ, ବାଲାରାଜୁ ପାଢୀ, ବାଳକୃଷ୍ଣ ପାଢୀ, ସୀମାଚଳ ପଣ୍ଡା, ଭି. ଲକ୍ଷ୍ମୀନାରାୟଣ, କେ. ଶିବ ପ୍ରସାଦ ପାତ୍ର, ମାଧବ ଚନ୍ଦ୍ର ପ୍ରଧାନ, ଚିରଞ୍ଜୀବୀ ମହାପାତ୍ର, ବିଚିତ୍ରାନନ୍ଦ ରାଉତ, ଅଶୋକ ସାମଲ, ଶିବ ପ୍ରସାଦ ପାତ୍ର, ଜଗନ୍ନାଥ ତିଆଡି, ପୂର୍ଣ୍ଣଚନ୍ଦ୍ର ସାହୁ, ବୃଷକେତୁ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ପୌର ପରିଷଦ ବୈଠକ: ୨୮ ପ୍ରସ୍ତାବ ଗୃହୀତ

ଜୟପୁର, ୧୫।୧୦(ନି.ପ୍ର.)-

ଜୟପୁର ପୌର ପରିଷଦର ଏକ ବୈଠକ ପୌର ପରିଷଦ ସଭା ଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଉପାଧ୍ୟକ୍ଷ ବି. ସୁନିତା, ବିଧାୟକ ପ୍ରତିନିଧି ନିହାର ବିଷୋୟୀ, ଏମ୍‌ପି ପ୍ରତିନିଧି ହାସନ ମଦାନି, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ କାଉନସିଲରମାନେ ଉପସ୍ଥିତ ଥିଲେ। ବୈଠକରେ ୨୮ଟି ପ୍ରସ୍ତାବ ଗୃହିତ ହୋଇଥିଲା। ଏଣିକି ଯେଉଁ ୱାର୍ଡର ଏସଏଚଜି ସେହି ଅଞ୍ଚଳ ଶୌଚାଳୟର ତଦାରଖ ଦାୟିତ୍ୱରେ ରହିବେ। ଜଗତଜନନୀ ପାଠାଗାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଭୁତନାଥ ଶ୍ମଶାନ, ଆଦିବାସୀ ଶ୍ମଶାନ ଓ ନୁଆସାହିରେ ଥିବା ମୁସଲିମମାନଙ୍କ କବରସ୍ଥାନର ବିକାଶ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଓଏସଆରଟିସି ନୂତନ ବସଷ୍ଟାଣ୍ଡର ପରିଚାଳନା ଦାୟିତ୍ୱ ପୌର ପରିଷଦକୁ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ଟାଉନ ପ୍ଲାନିଂରେ ରିଏଲ ଇଷ୍ଟେଟ ମାଲିକମାନେ ପୂର୍ବରୁ ୧ ଏକର ପିଛା ୬୦ ହଜାର ଟଙ୍କା ପୌର ପରିଷଦକୁ ଦେଉଥିଲେ। ଏବେ ସେମାନେ ୧ ଏକରକୁ ୨ ଲକ୍ଷ ଟଙ୍କା ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଚାଷୀଙ୍କୁ ସ୍ୱାବଲମ୍ବୀ କରୁଛି ମହୁଚାଷ

ଜୟପୁର,୧୫।୧୦ (ନି.ପ୍ର.)

କୋରାପୁଟ ଜିଲାରେ ନାବାର୍ଡ ଓ ହର୍ଷଟ୍ରଷ୍ଟର ମିଳିତ ସହମତିରେ ଜାନୁଆରୀରୁ ମହୁଚାଷ ଆରମ୍ଭ ହୋଇଥିଲା। ୨୫୦ ଗରିବ ଆଦିବାସୀ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନନ୍ଦପୁର ଏବଂ ବୈପାରିଗୁଡାରେ ଏହି ଚାଷ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୧ କୋଟି ୪୧ ଲକ୍ଷ ୧୨ ହଜାର ୫୯୫ ଟଙ୍କା, ମହୁମାଛି ସହ ବାକ୍ସ, ମହୁ ଫେଣା ମେଶିନ ଏବଂ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇ ଅର୍ଥ ବ୍ୟୟ ହୋଇଥିଲା। ଫଳରେ ଗତ ୧୦ ମାସ ମଧ୍ୟରେ ବହୁତ କମ ଦିନରେ ୨୪୫୫ କିଲୋ ମହୁ ଉତ୍ପାଦନ ହୋଇଛି। ଏହାକୁ ବିକ୍ରି କରି ଗନ୍ଧିଗୁଡା, ଆମ୍ବାପଡା, କିରାମ, ଡି.ଖୁଡୁବ, ଅଣ୍ଡରି ଗ୍ରାମର ୧୧୦ ଜଣ ଚାଷୀ ୨ଲକ୍ଷ ୮୭ହଜାର ଟଙ୍କା ରୋଜଗାର କରିପାରିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ଲଗାଣ ବର୍ଷା, ଜଙ୍ଗଲ କୀଟ, ଫୁଲର ଅଭାବ ଯୋଗୁ ମହୁମାଛି ସଂଖ୍ୟା କମିବାରେ ଲାଗିଛି। ଏଥିଯୋଗୁ ଚାଷୀ ଭାଙ୍ଗିପଡିଥିଲେ ମଧ୍ୟ ହର୍ଷଟ୍ରଷ୍ଟର କର୍ମଚାରୀ ଏବଂ ନାବାର୍ଡ ଡିଡିଏମ୍ ନନ୍ଦପୁରଠାରେ ଚାଷୀଙ୍କୁ ଭେଟି ତାଲିମ ଦେବା ସହ ପୁନଃ ମହୁମାଛି ଯୋଗାଇ ତାହାକୁ କିଭଳି ଆଗାମୀ ଦିନରେ ଜୀବନ ଜୀବିକାର ମୁଖ୍ୟ ଅଂଶ ଭାବେ ଗ୍ରହଣ କରିବେ ସେନେଇ ଚାଷୀଙ୍କୁ ବୁଝାଇଛନ୍ତି। ଡି ଖୁଡୁବ ଏବଂ ଗନ୍ଧିଗୁଡ଼ା ଗ୍ରାମର ମଧୁ ଖରା, ବିବିଦାସ ମାଟାମ, ମାଲେଶ ଏବଂ ଅନ୍ୟ ଚାଷୀମାନେ ଉଭୟ ନାବାର୍ଡ ଏବଂ ହର୍ଷଟ୍ରଷ୍ଟ ସଂସ୍ଥା ନିକଟରେ ଏନେଇ କୃତଜ୍ଞତା ପ୍ରକାଶ କରିଛନ୍ତି। ଚାଷୀମାନେ ଏବେ ସ୍ୱଇଚ୍ଛାରେ ମହୁ ଚାଷ ପାଇଁ ଆଗ୍ରହ ପ୍ରକାଶ କରୁଥିବା ବେଳେ ନିକଟରେ ନାବାର୍ଡର ଓଡ଼ିଶା ମୁଖ୍ୟ ଏବଂ ଆନ୍ଧ୍ରର ଜଣୈକ ଏମ୍‌ପି ନିଜ ଜିଲାର ଚାଷୀଙ୍କୁ ନେଇ ଗନ୍ଧିଗୁଡା ପରିଦର୍ଶନ କରି ମହୁର ବଜାରିକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଘରବାରି ପଟ୍ଟା ପାଇଁ ଧାରଣା

ମାଲକାନଗିରି,୧୫।୧୦ (ଡି.ଏନ୍.ଏ.)




ଧାରଣାରେ ବସିଥିବା ୱାର୍ଡ ନଂ. ୩ ବାସିନ୍ଦା।

**ଜାଗା ମିଶନ ନିର୍ଦ୍ଦେଶକଙ୍କୁ ଜଣାଇଲେ ଏମ୍‌ପି**

ମାଲକାନଗିରି ପୌର ପରିଷଦ ୱାର୍ଡ ନଂ. ୩ର ୭୦ରୁ ଊର୍ଦ୍ଧ୍ୱ ପରିବାର ଗତ ୬ମାସ ହେଲା ଘରବାରି ପଟ୍ଟା ପାଇଁ ଧାରଣାରେ ବସିଛନ୍ତି। ମାତ୍ର ଏଯାଏ ସେମାନଙ୍କ ସମସ୍ୟା ସମାଧାନ ହୋଇପାରି ନାହିଁ। ଏ ନେଇ ସେମାନେ ଗତ ମେ ୨୮ରେ ଜାଗା ମିଶନର ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ସମସ୍ୟା ଜଣାଇଥିଲେ। ମାଲକାନଗିରି ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ସମସ୍ୟା ନେଇ ଜିଲାପାଳ ଏବଂ ପୌର ପରିଷଦ କର୍ତ୍ତୃପକ୍ଷ ନିର୍ଦ୍ଦେଶକଙ୍କୁ ଜଣାଇବା ପରେ ସେପ୍ଟେମ୍ବର ୧୪ରେ ନିର୍ଦ୍ଦେଶକ ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ବସ୍ତିମାନଙ୍କରେ ରହୁଥିବା ୧୧୫୫ ଜଣ ବସ୍ତି ବାସିନ୍ଦା ଏବଂ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୭୦ ଜଣଙ୍କ ସର୍ଭେ କରି ତୁରନ୍ତ ସେମାନଙ୍କୁ ଜମି ରେକର୍ଡ ସମ୍ପର୍କିତ ପ୍ରମାଣ ପତ୍ର ଦେବାକୁ ଚିଠି କରିଥିଲେ ବୋଲି ଧାରଣାରେ ବସିଥିବା ଶ୍ରୀନିବାସ ରାଓ, ପୀତବାସ ସେଠୀ, ପି. ଶାମ୍ବା, ବିଷ୍ଣୁ ସେଠୀ, ପି. ରାଜେଶ୍ୱର ରାଓ, ସୁନା ଅନକା ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ବସ୍ତି ବାସିନ୍ଦା ଥଇଥାନ ଅଧିକାରୀ ଜଗନ୍ନାଥ ଖେମୁଡୁଙ୍କୁ ପଚାରିବାରୁ ସେ କହିଥିଲେ, ଗତ ୧୦ ତାରିଖରେ ଏକ ବୈଠକ ଡକାଯାଇ କମିଟି ଗଠନ କରାଯାଇଛି। ସର୍ଭେପାଇଁ କେତେକ ଆବଶ୍ୟକ ସାମଗ୍ରୀ ଭୁବନେଶ୍ୱରରୁ ଆସିଲା ପରେ ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ସୂଚନାଯୋଗ୍ୟ, ଧାରଣାରେ ବସିଥିବା ବସ୍ତିବାସିନ୍ଦାଙ୍କ ନିକଟକୁ ନବରଙ୍ଗପୁର ଏମ୍‌ପି ରମେଶ ମାଝୀ ଆସି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ଜାଗା ମିଶନ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ।

